# Akashvani, Sambalpur

## SAMBALPURI NEWS EVENING BULLETIN

## 16 September 2026-7.02- 7.12 pm.

---

୧- କର୍ମଚାରୀ ଭବିଷ୍ୟନିଧି ସଂଗଠନ୍ ଅଧୀନ୍‌ଥି ମାସିକ୍ ଦରମା ସୀମା ୨୫ ହଜାର୍ ଟଙ୍କା ବଢ଼୍‌ବାର୍‌କେ କେନ୍ଦ୍ର କେବିନେଟ୍‌ର ଅନୁମୋଦନ୍ ।

୨- ସମୃଦ୍ଧ ଓଡ଼ିଶା ୨୦୩୬ ଗଠନ୍ ସଂକଳ୍ପଥି ସମ୍ବଲ୍‌ପୁର୍ ରାଜ୍ୟ ସରକାର୍‌ଙ୍କର୍ ବିକାଶ୍ ଯାତ୍ରାର୍ ମୁଖ୍ୟ କେନ୍ଦ୍ର ହେବା କହେଲେ ମୁଖ୍ୟମନ୍ତ୍ରୀ ।

- ସମ୍ବଲ୍‌ପୁର୍ ଠାନେ ଡପଲର୍ ପାଣିପାଗ୍ ରାଡ଼ାର୍‌ର କଲେ ଉଦ୍‌ଘାଟନ୍ ।

୩- ସାରା ଦେଶେ ଆଏବାକାଏଲ୍‌ଠାନୁ ମୁଲ୍ ହେବା ସେବା ସଂକଳ୍ପ ଅଭିଯାନ୍ ।

ଆଉର୍

୪- ୨୦୨୪ ବଛର୍ ଲାଗି ଦାଦାସାହେବ୍ ଫାଲ୍‌କେ ପୁରସ୍କାର୍ ପାଏବେ ବିଶିଷ୍ଟ କନ୍ନଡ୍ ଅଭିନେତା ଅନନ୍ତ ନାଗ ।

ଇପିଏଫ୍ଓ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେବିନେଟ୍ ବୈଠକ୍‌ଥି କର୍ମଚାରୀ ଭବିଷ୍ୟନିଧି ସଂଗଠନ୍ - ଇପିଏଫ୍ଓ ମାସ୍‌କିଆ ଦର୍‌ମା ସୀମାକେ ୧୫ ହଜାର୍‌ନୁ ୨୫ ହଜାର୍ ଟଙ୍କାକେ ବଢ଼ାଯାଇଚେ । ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍, ଇ ନିଷ୍ପତି ଲାଗି ୫୧ ଲାଖ୍ ନୁ ଅଏତ୍‌କା ଅତିରିକ୍ତ କର୍ମଚାରୀ ବାଧ୍ୟତାମୂଲକ୍ ଇପିଏଫ୍ଓ ପରିସରଭୁକ୍ତ ହେବେ । ଯେନ୍‌ଥିର୍‌ଲାଗି କର୍ମଚାରୀ ମାନ୍‌କର୍ ସାମାଜିକ୍ ସୁରକ୍ଷା ପରିସର୍ ଅଏତ୍‌କା ବଢ଼ିପାର୍‌ବା । ଇଥିର୍‌ଲାଗି ସର୍‌କାର୍ ବଛର୍‌କ ୧୧ ହଜାର୍ ୩ ଶହ ୩୯ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ । ୨୦୧୪ ମସିହା ଉତ୍‌ରୁ ପହେଲାଥର୍ ଲାଗି ଇ ସୀମା ବଢ଼ାଯାଇଛେ । ଇହାଦେର୍ ଇ ନିଷ୍ପତି କର୍ମଚାରୀମାନ୍‌କର୍ କମାନି ବଢ଼ାବାର୍‌କେ ତୁର୍‌ତି କର୍‌ବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ଡପ୍ଲର୍ ରାଡ଼ାର୍- ମୁଖ୍ୟମନ୍ତ୍ରୀ        ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ହେଉଛେ ପଶ୍ଚିମ ଓଡ଼ିଶାର୍ କଳା ସଂସ୍କୃତି ଆଉ ପରମ୍ପରାର୍ ପ୍ରତୀକ । ସମୃଦ୍ଧ ଓଡ଼ିଶା ୨୦୩୬ ଗଠନ୍ ସଂକଳ୍ପଥି ସମ୍ବଲ୍‌ପୁର୍ ରାଜ୍ୟ ସରକାର୍‌ଙ୍କର୍ ବିକାଶ୍ ଯାତ୍ରାର୍ ମୁଖ୍ୟ କେନ୍ଦ୍ର ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମ୍ବଲପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଠାନେ ଆୟୋଜିତ୍ ସମାରୋହଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲ୍‌ପୁର୍ ଆଉ ସାରା ପଶ୍ଚିମ ଓଡ଼ିଶାର୍ ବିପର୍ଯ୍ୟୟ ପରିଚାଳନା ଲାଗି ଅତ୍ୟାଧୁନିକ୍ ମେକ୍ ଇନ୍ ଇଣ୍ଡିଆ ଡପଲର୍ ପାଣିପାଗ୍ ରାଡ଼ାର୍ -ଡିଡବ୍ଲୁଆର୍ ର ଶୁଭାରମ୍ଭ କର୍‌ବାର୍ ସହେତେ ପାଖାପାଖି ୯ ଶହ ୬୦ କୋଟି ଟଙ୍କାର୍ ୫୦ ଟା ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ୍‌ମୂଳକ୍ ପ୍ରକଳ୍ପ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ ।

ସମାରୋହଥି କେନ୍ଦ୍ର ଭୂବିଜ୍ଞାନ୍ ମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ଆଭାସୀ ଜରିଏ ଯୋଗ୍ ଦେଇକରି ନିଜର୍ ବାର୍ତାଥି କହିଛନ୍, ସମ୍ବଲ୍‌ପୁର୍ ଠାନେ ଉଦ୍‌ଘାଟିତ୍ ଡପଲର୍ ରାଡ଼ାର୍ ଆମର୍ ପୂର୍ବାନୁମାନ୍ ପ୍ରଣାଳୀ କ୍ଷେତ୍ରଥି ଗୁଟେ ବଡ଼ ସଫଳତା ଆଉ ମାଇଲ୍‌ଖୁଂଟ ଆଏ । ଆଏବା ଦିନେ ଦେଶେ ଆହୁରି ୪୦ ଟା

ଡପଲର୍ ରାଡ଼ାର୍ ଜୁଡ଼ାଯିବା । ଯେନ୍‌ଥିର୍‌ଲାଗି ସାରା ଓଡ଼ିଶା ରାଜ୍ୟର୍ ଲାଗି ସଠିକ୍ ପାଣିପାଗ୍ ପୂର୍ବାନୁମାନ୍ ମିଲିପାର୍‌ବା ବଲି ସେ କହିଛନ୍ । ଇ ରାଡ଼ାର୍ ଫି’ ୧୦ ମିନିଟ୍‌ଥି ଶହେ ୫୦ ମିଟର୍ ରିଜୋଲ୍ୟୁସନ୍‌ଥି ବର୍ଷାର୍ ଆକଲନ୍ କରିକରି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ପ୍ରବାହ ପରିଚାଲନାକେ ଅଏତ୍‌କା ବର୍‌କସ୍ କର୍‌ବା ।

୨୪ ଘଂଟା କାର୍ଯ୍ୟକ୍ଷମ୍ ଇ ରାଡ଼ାର୍ ୨ ଶହ ୫୦ କିଲୋମିଟର୍ ଭିତ୍‌ରେ ସଠିକ୍ ତଥ୍ୟ ଆଉ ୪ ଶହ ୫୦ କିଲୋମିଟର୍‌ତକ୍ ପାଣିପାଗ୍‌ର ଗତିବିଧି ପୂର୍ବାନୁମାନ୍ କରିପାର୍‌ବା । ଇଥିର୍‌ଲାଗି ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍ ସହେତେ ଅନୁଗୁଲ୍, କେନ୍ଦୁଝର୍, ଢେଙ୍କାନାଲ୍ ବାଗିର୍ ୧୩ ଟା ଜିଲ୍ଲା ସହେତେ ଛତିଶ୍‌ଗଡ଼୍ ଆଉ୍ ଝାର୍‌ଖଣ୍ଡ ଇଲାକା ଉପକୃତ୍ ହେବା ।

ସମ୍ବଲପୁର୍ ଠାନେ ୧୫ ଶହ ୨୧ କୋଟି ଟଙ୍କାର୍ ୪ ଥାକିଆ ବାଇପାସ୍, ବୁର୍ଲା ଭୀମ୍‌ସାର୍‌ର ୧୭ କୋଟିର ସମ୍ପ୍ରସାରଣ୍, ଶହେ କୋଟିର ଏକ୍ୱା ପାର୍କ, ଆଉ ଶହେ କୋଟି ଟଙ୍କାଥି ସମ୍‌ଲେଇ ୨ ନମ୍ବର୍ ଖେପ୍ ପ୍ରକଳ୍ପ କାମ୍ ତୁର୍‌ତି ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗଲା ଗୁଟେ ବଛ୍‌ରେ ସେପ୍ଟେମ୍ବର୍ ମାସେ ସମ୍ବଲ୍‌ପୁର୍ ଲାଗି ୧୯ ଶହ ୧୦ କୋଟି ଟଙ୍କାର୍ ବିକାଶ୍ ମୂଲକ୍ କାମ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ୭୬

ତମ ଜନମ୍‌ଦିନ୍ ଆଉ ବିଶ୍ୱକର୍ମା ପୂଜା ଅବ୍‌ସରେ ମାସେତକ୍ ଚାଲ୍‌ବାର୍‌କେ ଥିବା ସେବା ସଂକଳ୍ପ ଅଭିଯାନ୍, ଆଶିର୍ବାଦ୍‌ର ଦୀପ ଆଉ ଏକ୍ ପେଡ଼୍ ମା କେ ନାମ୍ କାର୍ଯ୍ୟକ୍ରମଥି ସାମିଲ୍ ହେବାର୍‌କେ ଜନସାଧାରଣ୍‌ଙ୍କୁ ସେ ଆହ୍ୱାନ୍ ଦେଇଛନ୍ ।

ଆଝିରର୍ କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ରାଜ୍ୟସଭା ସାଂସଦ୍ ମନ୍‌ମୋହନ୍ ସାମଲ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର, ଭାରତୀୟ ପାଣିପାଗ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍, ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ରଙ୍କର୍ ସହେତେ ଭିନ୍ ଭିନ୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସେବା ସଂକଳ୍ପ ଅଭିଯାନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ଦେଶେ ଆଏବାକାଏଲ୍‌ଠାନୁ ମାସେ ତକ୍ ସେବା ସଂକଳ୍ପ ଅଭିଯାନ୍ ମୁଲ୍ ହେବାର୍‌କେ ଯାଉଛେ । ଇ ଅଭିଯାନ୍ ଅଧୀନ୍‌ଥି ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଗୁପ୍ତେଶ୍ୱର୍ ମନ୍ଦିର୍ ନ ଦୀପଦାନ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୨୫ ବଛରର୍ ସୁଶାସନ୍‌କେ ସମ୍ମାନ୍ ଦେବାର୍ ଲାଗି ଘରେ ଘରେ ବେଲ୍‌ବୁଡ଼ାର୍ ୬ ବଜେନୁ ୭ ବଜେତକ୍ ଦୀପ୍ ଜଲାବାର୍‌କେ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନୁରୋଧ୍ କରିଛନ୍ । ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍‌ଥି ଇଟା ସାହାଜ୍ କର୍‌ବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ସୁଭଦ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳା ସଶକ୍ତିକରଣ୍ ଲାଗି ରାଏଜେ ଲାଗୁ କରାଯାଇଥିବା ସୁଭଦ୍ରା ଯୋଜ୍‌ନା ଆଏବା କାଏଲ୍ ୨ ବଛର୍ ପୁରା କରୁଛେ । ଇ ଅବ୍‌ସରେ ଅଙ୍ଗନବାଡ଼ି କେନ୍ଦ୍ର ଆଉ ଭିନ୍ ଭନ୍ ଜାଗା ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଆଏବା ବଛର୍ ଏପ୍ରିଲ୍ ୧ ନୁ ୩୦ ତାରିଖ୍‌ତକ୍ ପୋର୍ଟାଲ୍ ଖୁଲା ରହେବା । ନୂଆଁ ଆବେଦନ୍‌କାରୀ ଇ ସମିଆ ଭିତ୍‌ରେ ପୋର୍ଟାଲ୍‌ଥି ନାଁ ପଞ୍ଜିକରଣ୍ କରେଇପାର୍‌ବେ । ସୁଭଦ୍ରା ଯୋଜ୍‌ନାଥି ୧ କୋଟିନୁ ଅଏତ୍‌କା ମହିଳା ହିତାଧିକାରୀଙ୍କୁ ଇହାଦେତକ୍ ୫ ଟା କିସ୍ତିଥି ୨୦ ହଜାର୍ ୮ ଶହ କୋଟି ଟଙ୍କା ଦିଆସରିଛେ । ଆଏବା କାଏଲ୍ ବେଲ୍‌ବୁଡ଼େ

ଦୀପ୍ ଜାଲିକରି ଇ ଦିନ୍‌କେ ଉତ୍ସବ୍ ହିସାବେ ପାଲନ୍ କର୍‌ବାର୍ ଲାଗି ସବୁ ସୁଭଦ୍ରା ବହେନ୍ ମାନ୍‌କୁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ୍ କରିଛନ୍ ।

ଦାଦା ସାହେବ୍ ଫାଲ୍‌କେ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ସିନ୍‌ମା ଜଗତ୍‌ର ସର୍ବୋଚ୍ଚ ସମ୍ମାନ୍ ଦାଦା ସାହେବ୍ ଫାଲ୍‌କେ ପୁରସ୍କାର୍ -୨୦୨୪ ଘୋଷ୍‌ନା ହେଇଛେ । କନ୍ନଡ଼୍ ସିନ୍‌ମାର୍ ବିଶିଷ୍ଟ ଅଭିନେତା ଅନନ୍ତ ନାଗଙ୍କୁ ଇ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ଅଙ୍କୁର୍, ନିଶାନ୍ତ, ମନ୍ଥନ୍ ଭୂମିକା ବାଗିର୍ ୨ ଶହ ୫୦ ନୁ ଅଏତ୍‌କା କନ୍ନଡ଼୍ ଚଳଚ୍ଚିତ୍ରଥି ନିଜର୍ ନିଖୁଣ ଅଭିନୟ ପ୍ରଦର୍ଶନ୍ କରିକରି ସେ ଭାରତୀୟ ସିନ୍‌ମା ଜଗତ୍‌ଥି ଖାସ୍ ପରିଚୟ ବନେଇ ପାରିଛନ୍ । ଇ ସଫଲତା ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ନାଗଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ଝନେ ବିଶିଷ୍ଟ କଲାକାର୍‌ଙ୍କର୍ ଲାଗି ନିଶ୍ଚିତ ଭାବେ ଇଟା ଉପଯୁକ୍ତ ସମ୍ମାନ୍ ଆଏ । ଆଉ ତାଙ୍କର୍ ବହୁମୁଖୀ ଅଭିନୟ ପିଢ଼ି ପରେ ପିଢ଼ି ଦର୍ଶକ୍ ମାନ୍‌କୁ ପ୍ରେରିତ୍

କରିଛେ ବଲି ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ ଜରିଏ କହିଛନ୍ ।

ଉପକୂଳ ମେଗା ସମରାଭ୍ୟାସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ସମୁଦ୍ର ଖଁଡ଼ି ନ ଆଏଜ୍ ଠାନୁ ମେଗା ସମରାଭ୍ୟାସ ସାଗର କବଚ୍ ମୁଲ୍ ହେଇଛେ । ଇଥି ପୁଲିସ୍ କର୍ମଚାରୀ, ଓଡ୍ରାଫ୍, ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍‌ର କର୍ମଚାରୀମାନେ ପେଟ୍ରୋଲିଂ କରୁଛନ୍ । ସମୁଦ୍ର ରାସ୍ତା ଦେଇକରି ଶତ୍ରୁମାନ୍‌କର୍ ଆସ୍‌ବାର୍‌କେ ଅଟ୍‌କାବାର୍ ଲାଗି ଭିନ୍ ଭିନ୍ ରଣକୌଶଲ୍ ପ୍ରସ୍ତୁତ୍ କରାଯାଇଛେ । ଇଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ୧୭ ନୁ ଅଏତ୍‌କା ବିଭାଗ୍ ଭାଗ୍ ନେଇଛନ୍ । ସମୁଦ୍ର ଖଁଡ଼ି ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ହାତ୍‌କେ ନିଆଯାଇଛେ ।

ସେନା ମେଡ଼ାଲ୍ ପୁରସ୍କାର୍          ଆର୍ଏନ୍ୟୁ/ ସମ୍ବଲପୁର

ସାହସିକତା ସେନା ମେଡ଼ାଲ୍ ପୁରସ୍କାର୍ ବିଜେତାଙ୍କର୍ ଲାଗି ନଭେମ୍ବର୍ ୧ ତାରିଖ୍ନୁ ଆଜୀବନ୍ ଟ୍ରେନ୍ ଯାତ୍ରା ମାହାଲିଆ କରାଯିବା । ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍ଫୁ ଇ ବାବ୍ଦେ ମିଲିଥିବା ସୂଚ୍ନା ଅନ୍ସାରେ ସେନା, ସୌସେନା, ବାୟୁସେନା, ମେଡ଼ାଲ୍ ସାହସିକତା ପୁରସ୍କାର୍ ବିଜେତାଙ୍କୁ ଇ ସୁବିଧା ମିଲ୍ବା । ଅବିବାହିତ୍ ସହୀଦ୍ଙ୍କର୍ ମା ବାପା ଭିଲ୍ ଇ ସୁବିଧା ପାଇପାର୍ବେ । ମିଲିଥିବା ସୂଚ୍ନା ଅନ୍ସାରେ ରେଲ୍ଯାତ୍ରା ସମିଆଥି ସେନାକର୍ମୀ ଆଉ ସେମାନ୍କର୍ ପରିବାର୍ ଲାଗି ଇ ସୁବିଧା ମିଲ୍ବା । irccp.indianrail.gov.in ନାହେତ IRCCP ପୋର୍ଟାଲ୍ ଥି ଇଥିର୍ଲାଗି ଆବେଦନ୍ କରିପାର୍ବେ । ଆବେଦନ୍ ଉତ୍ରୁ ଅନ୍ଲାଇନ୍ଥି ଟ୍ରେନ୍ ଯାତ୍ରା ଲାଗି ଇ- ପାସ୍ ମିଲ୍ବା ବଲି ରେଲ୍ବାଇ ତର୍ଫୁ କୁହାଯାଇଛେ ।

ଓଜୋନ୍ ଦିବସ୍      ଆର୍ଏନ୍ୟୁ/ ସମ୍ବଲପୁର

‘ଗୁଟେ ଥଣ୍ଡା ଗ୍ରହ ଲାଗି ବୈଶ୍ୱିକ୍ କାର୍ଯ୍ୟକଳାପ୍’ ବାର୍ତା ନେଇକରି ଆଏଜ୍  ପାଲନ୍ ହେଉଛେ ବିଶ୍ୱ ଓଜୋନ୍ ଦିବସ୍ । ବାୟୁମଣ୍ଡଲ୍‌ର ଓଜୋନ୍ ସ୍ତର ନ ନୁକ୍‌ସାନ୍ ମୁନୁଷ୍ ଜାତିର୍ ଲାଗି କେନ୍ତା କ୍ଷତିକାରକ୍ ଆଏ ସେ ବିଷେଥି ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ୧୯୯୪ ମସିହା ନୁ ମିଲିତ୍ ଜାତିସଂଘ ତର୍‌ଫୁ ସେପ୍ଟେମ୍ବର୍ ୧୬ ତାରିଖ୍‌କେ ବିଶ୍ୱ ଓଜୋନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଓଜୋନ୍ ସ୍ତର୍‌ର ସୁରକ୍ଷା ଆଉ ପରିବେଶ୍‌ର ସନ୍ତୁଲନ୍‌କେ ଠିକ୍ ରଖ୍‌ବାର୍ ଲାଗି ସାମୂହିକ୍ ଚେଷ୍ଟା କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଥାଇଲାଣ୍ଡ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ହେଇଛେ । ଇଟା ଆଏବା ଶନିବାର୍‌ତକ୍ ଉତର୍ ଆଣ୍ଡାମାନ୍ ସାଗର୍ ନ ଲଘୁଚାପ୍‌ଥି ବଦ୍‌ଲିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ

ଆକଲନ୍ କରାଯାଇଛେ । ଆଏବା ୩ ନୁ ୪ ଦିନ୍ ଭିତ୍ରେ ଇଟା ପଶ୍ଚିମ- ଉତର୍ ପଶ୍ଚିମ ଦିଗ୍କେ ଯାଇକରି ଦକ୍ଷିଣ୍ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ସୁମଦ୍ରଖଁଡ଼ି ଆଡ଼୍କେ ଯିବା । ଇତାର୍ ପ୍ରଭାବ୍ଥି ଦକ୍ଷିଣ୍ ଓଡ଼ିଶା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ, ରାଏଜେ ଆଏଜ୍ଠାନୁ ଫେର୍ ବର୍ଷାର୍ ପରିମାଣ୍ ବଢ଼୍ବା । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି, ଘଡ଼୍ଘଡ଼ି ସହେତେ ବର୍ଷା ହେବା ବଲି ୨୬ ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।